The Odisha Gazette

EXTRAORDINARY

PUBLISHED BY AUTHORITY

No. 1833 CUTTACK, WEDNESDAY, SEPTEMBER 25, 2019/ASWINA 3, 1941

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି

ଅଧିସୂଚନା

ତାରିଖ 17 ଅଗଷ୍ଟ 2019

ସଂଖ୍ୟା 283—ଭୂ.ଅ.ମା.ସଂ.-୧୦/୨୦୧୮-ଭବାନୀପାଟଣା—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେତ ଜଳସେଚନ ପ୍ରକଳ୍ପର ଦକ୍ଷିଣ ଡ଼ିଷ୍ଟ୍ରିବ୍ୟୁଟାରୀର କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା ଯମୁନାବାହାଲ, ଥାନା ଭବାନୀପାଟଣା ନଂ. ୧୯୪, ତହସିଲ ଭବାନୀପାଟଣା, ଜିଲ୍ଲା କଳାହାଣ୍ଡିରେ ନିମ୍ନ ତଫସିଲ ମତେ ପ୍ରାୟ ୨.୧୨ ଏକର ପରିମିତ ଭୂମି ଉପରୋକ୍ତ ଯମୁନାବାହାଲ ଗ୍ରାମରେ ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଦକ୍ଷିଣ ଡ଼ିଷ୍ଟ୍ରିବ୍ୟୁଟାରୀର କେନାଲ ନିର୍ମାଣ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, କଳାହାଣ୍ଡି ଅନୁସନ୍ଧାନ ବିଭାଗ, ଭବାନୀପାଟଣା ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – କୌଣସି ବିସ୍ଥାପନ ହେଉନାହିଁ ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଭବାନୀପାଟଣା ।

ଜମିର ବିଶଦ ବିବରଣୀ

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ଅର୍ଜିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|
| ଏଥି ସହ ସଂଲଗ୍ନ କରାଗଲା | | | | | | | |

ଉକ୍ତ ଭୂମିର ଏକ ନକ୍ସା, ତଥା ବିସ୍ତୃତ ବିବରଣୀ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କଳାହାଣ୍ଡି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ଭୂମି ଅନୁସୂଚୀ

### ମୌଜା ଯମୁନାବାହାଲ, ଥାନା ଭବାନୀପାଟଣା ନଂ. ୧୯୪, ତହସିଲ ଭବାନୀପାଟଣା, ଜିଲ୍ଲା କଳାହାଣ୍ଡି
### ଦକ୍ଷିଣ ଡ଼ିଷ୍ଟ୍ରିବ୍ୟୁଟାରୀର କେନାଲ ନିର୍ମାଣ ନିମନ୍ତେ

| ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅର୍ଜିତ ହେବାକୁଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |
| | | | | | | | ଏକର | ଏକର | |
| କଳାହାଣ୍ଡି | ଭବାନୀପାଟଣା | ଯମୁନାବାହାଲ | ଗ୍ରାମାଞ୍ଚଳ | ୧୯ | ୫୦୧ | ଆଟ | ୦.୩୭ | ୦.୨୦ | କନ୍ଦର୍ପ ବିଶ୍ୱାଳ, ପି. ବେଣୁଧର ବିଶ୍ୱାଳ, ଜା. କୋଲଥା, ବା. ନିଜଗାଁ । |
| | | | | ୪୬ | ୪୭୧ | ଆଟ | ୦.୮୧ | ୦.୫୦ | ଜନ୍ମଜୟ ସା, କୌଶଲ୍ୟା ସା, ରୁକ୍ମଣୀ ସା, |
| | | | | | ୫୦୩ | ଆଟ | ୦.୦୮ | ୦.୦୮ | ପି. ଗଜେନ୍ଦ୍ର ସା, ଜା. କୋଲଥା, ବା. ନିଜଗାଁ । |
| | | | | ୮୯ | ୪୬୨ | ଆଟ | ୦.୭୦ | ୦.୩୦ | ଡ଼ମ୍ବରୁଧର ଗଉଡ଼, ପି. ନକୁଳ ଗଉଡ଼, ଜା. ଗଉଡ଼, ବା. ନିଜଗାଁ । |
| | | | | ୧୪୩ | ୫୧୦ | ଆଟ | ୦.୭୪ | ୦.୧୯ | ବାସୁ ରଣା, ପି. ସାଧୁ ରଣା, ଜା. କୁମ୍ଭାର, ବା. ନିଜଗାଁ । |
| | | | | ୧୪୭ | ୪୫୩ | ଆଟ | ୧.୦୮ | ୦.୫୫ | ବୁଢୁ ଗଉଡ଼, ପି. ଦୀନ ଗଉଡ଼, ଜା. ଗଉଡ଼, ବା. ନିଜଗାଁ । |
| | | | | ୧୬୭ | ୫୦୨ | ଆଟ | ୦.୧୦ | ୦.୦୭ | ରଜନୀକାନ୍ତ ବିଶ୍ୱାଳ, ଜୟନ୍ତୀ ବିଶ୍ୱାଳ, ଲବଙ୍ଗଲତା |
| | | | | | ୫୦୪ | ଆଟ | ୦.୪୬ | ୦.୨୩ | ବିଶ୍ୱାଳ, ଉର୍ବଶୀ ବିଶ୍ୱାଳ, ପି. ମନବୋଧ ବିଶ୍ୱାଳ, ଶ୍ରେୟା ବିଶ୍ୱାଳ, ସ୍ୱା. ମନବୋଧ ବିଶ୍ୱାଳ, ଜା. କୋଲଥା, ବା. ନିଜଗାଁ । |
| | | | | | | ମୋଟ | .. | **୨.୧୨** | |

ରାଜ୍ୟପାଳଙ୍କ ଆଦେଶକ୍ରମେ

**ଗାଭାଲି ପି. ହରଶାଦ**

ଜିଲ୍ଲାପାଳ, କଳାହାଣ୍ଡି

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1164—173+20